ଏଲ୍ ଆର୍ ଏସ୍ ଙ୍କ ମାଧ୍ୟମରେ ପୁରୁଷୋତ୍ତମ ସିଂହ (ମୃତ)

ବନାମ

ହରବନ୍ସ କୌର ଏବଂ ଅନ୍ୟଜଣେ

ନଭେମ୍ବର 18,1996

[କେ.ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ହିନ୍ଦୁ ଅଧିନିୟମ :*

*ଯୌଥ ପାରିବାରିକ ସମ୍ପତ୍ତି – ସ୍ୱୟଂ ଅର୍ଜିତ ସମ୍ପତ୍ତି ସହିତ ମିଶ୍ରିତ – ଉତ୍ତରାଧିକାରୀ ଭାବରେ – 'ଏ' କେବଳ ତାଙ୍କ ଜେଜେବାପାଙ୍କ ସମ୍ପତ୍ତିର ଉତ୍ତରାଧିକାର ପ୍ରାପ୍ତ ହୋଇନଥିଲା, ବରଂ ତାଙ୍କ ମାଆ'ଙ୍କ ଦ୍ୱାରା ଧାରଣ କରାଯାଇଥିବା ସମ୍ପତ୍ତିର ଏକ ଅଂଶ ମଧ୍ୟ ପାଇଥିଲେ – ଦର୍ଶାଯାଇଛି, 'ଏ' ତାଙ୍କ ମାଆ' ଙ୍କଠାରୁ ଉତ୍ତରାଧିକାରୀ ଭାବରେ ଯାହା ପାଇଥିଲେ, ତାହା ତାଙ୍କ ସ୍ୱୟଂ ଅର୍ଜିତ ସମ୍ପତ୍ତି ହେବ – କିନ୍ତୁ, ତାଙ୍କ ଜେଜେବାପାଙ୍କ ଦ୍ୱାରା ଉତ୍ତରାଧିକାରୀ ଭାବରେ ପାଇଥିବା ସମ୍ପତ୍ତି ଯୌଥ ସମ୍ପତ୍ତି ଭାବରେ ଗ୍ରହଣ କରାଯିବ – ଯୌଥ ପାରିବାରିକ ସମ୍ପତ୍ତି ଏପର୍ଯ୍ୟନ୍ତ ଯୌଥ ପାରିବାରିକ ସମ୍ପତ୍ତି ହୋଇ ରହିଥାଏ ଯେ ପର୍ଯ୍ୟନ୍ତ ଏହା 'ଏ' ର ଉତ୍ତରାଧିକାରୀଙ୍କ ମଧ୍ୟରେ ବିଭକ୍ତ କରାଯାଏ ନାହିଁ – ଅପିଲକାରୀମାନେ ଉତ୍ତରଦାତାଙ୍କ ପିତା 'ଏ' ଙ୍କ ଉତ୍ତରାଧିକାରୀ ହୋଇଥିବାରୁ, ସେମାନେ ସେହି ସମ୍ପତ୍ତିରେ ଅଧା ଅଂଶ ପାଇବାକୁ ହକଦାର ଅଟନ୍ତି, ଯାହା 'ଏ' ଙ୍କ ତାଙ୍କ ଜେଜେବାପାଙ୍କଠାରୁ ଉତ୍ତରାଧିକାରୀ ଭାବରେ ମିଳିଥିଲା ଏବଂ ଅବଶିଷ୍ଟ ଅଧା ଅଂଶ ଉତ୍ତରଦାତାମାନଙ୍କୁ ଯିବ ।*

ଦେୱାନୀ ଅପିଲ ଅଧିକାରିତା :ଦେୱାନୀ ଅପିଲ ସଂଖ୍ୟା 15067/1996 ।

ସି.ଏମ୍.ଏ. ସଂଖ୍ୟା 957/1995 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର 26.7.95 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପାଇଁ ପି.ଏନ୍. ପୁରୀ ।

ଉତ୍ତରଦାତାମାନଙ୍କ ପାଇଁ ବିମଳ ରୟ ଜାଡ୍ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ପଞ୍ଜାବ ଏବଂ ହରିୟାଣା, ଚଣ୍ଡିଗଡ଼ ଉଚ୍ଚ ନ୍ୟାୟାଳୟଙ୍କର ଜୁଲାଇ 26,1995 ତାରିଖର ଆର ଏସ୍ ଏ ସଂଖ୍ୟା 575/95 ରେ ଦିଆଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି ।

ସ୍ୱୀକାର କରାଯାଇଥିବା ସ୍ଥିତି ହେଉଛି ଯେ, ଜଣେ ବଖତାୱାର ସିଂହ ସମ୍ପତ୍ତିର ମୂଳ ମାଲିକ ଥିଲେ । 1966 ମସିହାରେ ସେ ତାଙ୍କ ପୁଅ ହରସୁଖଜିତ ସିଂହ ଏବଂ ବିଧବା ପତ୍ନୀ ପ୍ରୀତମ କୌରଙ୍କୁ ଛାଡ଼ି ମୃତ୍ୟୁବରଣ କରିଥିଲେ । ପ୍ରୀତମ

କୌରଙ୍କ ମୃତ୍ୟୁ 1971 ମସିହାରେ ହୋଇଥିଲା । ହରସୁଖଜିତ ସିଂହଙ୍କର ଦୁଇ ପୁଅ ଅଛନ୍ତି, ଯଥା, ପୁରୁଷୋତ୍ତମ ସିଂହ ଏବଂ ଲକ୍ଷ୍ମୀର ସିଂହ । ଉତ୍ତରଦାତାମାନେ ହେଉଛନ୍ତି ଲକ୍ଷ୍ମୀର ସିଂହଙ୍କ ବିଧବା ଏବଂ ପୁତ୍ର ଏବଂ ଅପିଲକାରୀମାନେ ହେଉଛନ୍ତି ପୁରୁଷୋତ୍ତମ ସିଂହଙ୍କ ଉତ୍ତରାଧିକାରୀ । ଅପିଲକାରୀ-ବାଦୀମାନେ ମିଳିତ ଦଖଲ ଏବଂ ଘୋଷଣା ପାଇଁ ଏକ ମକଦ୍ଦମା ଦାୟର କରିଥିଲେ ଯେ, ସେମାନେ ହରସୁଖଜିତ ସିଂହଙ୍କ ଉତ୍ତରାଧିକାରୀ ହୋଇଥିବା ସମ୍ପତ୍ତିରେ ଅଧା ଅଂଶ ପାଇବାକୁ ହକଦାର ଅଟନ୍ତି । ବିଚାର କରୁଥିବା ନ୍ୟାୟାଳୟ ଏହି ମକଦ୍ଦମାକୁ ଖାରଜ କରି ଦେଇଥିଲେ ଏବଂ ଅପିଲରେ ଏହାକୁ ଅପିଲ ନ୍ୟାୟାଳୟଙ୍କ ଦ୍ୱାରା ନିଶ୍ଚିତ କରାଯାଇଥିଲା । ବିଳମ୍ବ କାରଣରୁ ଉଚ୍ଚ ନ୍ୟାୟାଳୟ ଏହି ଅପିଲକୁ ଖାରଜ କରିଦେଇଥିଲେ । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ତଥ୍ୟ ଏବଂ ପରିସ୍ଥିତି ଉପରେ, କେବଳ ବିଳମ୍ବ ଆଧାରରେ ଉଚ୍ଚ ନ୍ୟାୟାଳୟ ଅପିଲକୁ ଖାରଜ କରିବାରେ ଯଥାର୍ଥତା ପ୍ରତିପାଦନ କରିନଥିଲେ । ଉଚ୍ଚ ନ୍ୟାୟାଳୟ ସମ୍ପତ୍ତିର ଉତ୍ତରାଧିକାର ଅଧିକାର ପ୍ରଶ୍ନର ବିଚାର କରିଥାନ୍ତେ । ଏହା ଦେଖାଯାଉଛି ଯେ, ଅପିଲ ନ୍ୟାୟାଳୟ ଏକ ତଥ୍ୟ ନଥିଭୁକ୍ତ କରିଥିଲେ ଯେ, ହରସୁଖଜିତ ସିଂହ କେବଳ ତାଙ୍କ ଜେଜେବାପାଙ୍କ ସମ୍ପତ୍ତି ନୁହେଁ ବରଂ ତାଙ୍କ ମାଆ ପ୍ରୀତମ କୌରଙ୍କ ଦ୍ୱାରା ଧାରଣ କରାଯାଇଥିବା ସମ୍ପତ୍ତିର ଏକ ଅଂଶରେ ମଧ୍ୟ ଉତ୍ତରାଧିକାରୀ ହୋଇଥିଲେ । ଏହି ପରିସ୍ଥିତିରେ, ସେ ତାଙ୍କ ମାଆ ପ୍ରୀତମ କୌରଙ୍କଠାରୁ ଉତ୍ତରାଧିକାରୀ ଭାବରେ ପାଇଥିବା ସମ୍ପତ୍ତି ତାଙ୍କର ସ୍ୱ-ଅର୍ଜିତ ସମ୍ପତ୍ତି ହେବ । କିନ୍ତୁ ତାଙ୍କ ଜେଜେବାପା, ବଖତାୱାର ସିଂହଙ୍କ ଦ୍ୱାରା ପାଇଥିବା ସମ୍ପତ୍ତି ଯୌଥ ସମ୍ପତ୍ତିର ସ୍ୱରୂପ ଗ୍ରହଣ କରିବେ । ଅପିଲ ନ୍ୟାୟାଳୟ ଏକ ସିଦ୍ଧାନ୍ତ ନଥିଭୁକ୍ତ କରିଥିଲେ ଯେ, ଯେହେତୁ ହରସୁଖଜିତ ସିଂହ ତାଙ୍କର ବ୍ୟକ୍ତିଗତ ସମ୍ପତ୍ତି ଏବଂ ଯୌଥ ପାରିବାରିକ ସମ୍ପତ୍ତିକୁ ମିଶ୍ରଣ କରିଥିଲେ, ଏହା ସ୍ୱ-ଅର୍ଜିତ ସମ୍ପତ୍ତିର ସ୍ୱରୂପ ଗ୍ରହଣ କରିଥିଲା । ତେଣୁ, ଏହା ଅପିଲକାରୀ ଏବଂ ଉତ୍ତରଦାତାଙ୍କ ମଧ୍ୟରେ ବିଭାଜନ କରାଯାଇପାରିବ ନାହିଁ । ଅପିଲ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଆଇନ ଦୃଷ୍ଟିରୁ ସ୍ପଷ୍ଟ ଭାବରେ ଭୁଲ ଅଟେ । ଯଦିଓ ହରସୁଖଜିତ ସିଂହ ତାଙ୍କ ମାଆ'ଙ୍କ ଠାରୁ ଉତ୍ତରାଧିକାରରେ ପାଇଥିବା ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ସହିତ ଯୌଥ ପାରିବାରିକ ସମ୍ପତ୍ତିକୁ ମିଶ୍ରଣ କରିଥିଲେ, ତଥାପି ଯୌଥ ପାରିବାରିକ ସମ୍ପତ୍ତି ହରସୁଖଜିତ ସିଂହଙ୍କ ଉତ୍ତରାଧିକାରୀଙ୍କ ମଧ୍ୟରେ ବିଭକ୍ତ ନହେବା ପର୍ଯ୍ୟନ୍ତ ଯୌଥ ପାରିବାରିକ ସମ୍ପତ୍ତି ହୋଇ ରହିବ । ଅପିଲକାରୀମାନେ ଉତ୍ତରଦାତା ପୁରଷୋତ୍ତମ ସିଂହଙ୍କ ପିତାଙ୍କ ଉତ୍ତରାଧିକାରୀ ହୋଇଥିବାରୁ, ସେମାନେ ତାଙ୍କ ଜେଜେବାପାଙ୍କ ଠାରୁ ହରସୁଖଜିତ ସିଂହଙ୍କ ଦ୍ୱାରା ଉତ୍ତରାଧିକାରୀ ହୋଇଥିବା ସମ୍ପତ୍ତିରେ ଅଧା ଅଂଶ ପାଇବାକୁ ହକଦାର ଏବଂ ଅବଶିଷ୍ଟ ଅଧା ଅଂଶ ଉତ୍ତରଦାତାମାନଙ୍କୁ ଯିବ ।

ତେଣୁ ଅପିଲକୁ ଅନୁମତି ଦିଆଯାଇଛି । ଅପିଲ ନ୍ୟାୟାଳୟ  ଏବଂ ବିଚାର କରୁଥିବା ନ୍ୟାୟାଳୟଙ୍କର ରାୟ ଏବଂ ଆଦେଶଗୁଡ଼ିକୁ ରଦ୍ଦ କରିଦିଆଯାଇଛି । ମକଦ୍ଦମାର ନିଷ୍ପତ୍ତି ହୋଇଛି । ଆଇନ ଅନୁଯାୟୀ ଚୂଡ଼ାନ୍ତ ଡିକ୍ରି ପାରିତ କରିବା ପାଇଁ ଏହି ମାମଲା ବିଚରା କରୁଥିବା ନ୍ୟାୟାଳୟକୁ ପଠାଯାଇଛି । ବିଚାର କରୁଥିବା ନ୍ୟାୟାଳୟଙ୍କର ଡିକ୍ରି ପୁନରୁଦ୍ଧାର ହୋଇଛି । କିନ୍ତୁ, ପରିସ୍ଥିତିରେ, ବିନା ଖର୍ଚ୍ଚରେ ।

ଆର୍.ପି. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦିକା :
ସସ୍ମିତା ନାଏକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ